# NATIONAL NEWS BULLETIN (ODIA)
## 1 December - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ରାଜ୍ୟସଭା ସଦସ୍ୟଙ୍କୁ ପରାମର୍ଶ ଦେଲେ ରାଜ୍ୟସଭା ଅଧ୍ୟକ୍ଷ
- ପ୍ରଧାନମନ୍ତ୍ରୀ ଜନଜାତି ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଅଧୀନରେ ୧୭ କୋଟିରୁ ଅଧିକ ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର
- ଅପରେସନ୍ 'ସାଗର ବନ୍ଧୁ' ଅଧୀନରେ ଶ୍ରୀଲଙ୍କାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସହଯୋଗ ପ୍ରଦାନ କରୁଛି ଭାରତ
- ନେପାଳରେ ଆଗାମୀ ସଂସଦ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଆବେଦନ କରିଛନ୍ତି ୧୨୦ଟି ରାଜନୈତିକ ଦଳ

ଏବଂ

- ପ୍ରଧାନମନ୍ତ୍ରୀ ଉତ୍କର୍ଷ ପୁରସ୍କାର ଯୋଜନା-୨୦୨୫କୁ ସରକାରଙ୍କ ମଞ୍ଜୁରୀ ପ୍ରଦାନ

# ଆର୍‌ଏସ୍‌-ଚେୟାରମ୍ୟାନ୍‌

ସଂସଦୀୟ ଆଚରଣର ଲକ୍ଷ୍ମଣ ରେଖା ମଧ୍ୟରେ ସୀମିତ ରହି ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଦିଗରେ ପ୍ରତିବଦ୍ଧତାର ସହି କାର୍ଯ୍ୟ କରିବାକୁ ରାଜ୍ୟସଭା ସଦସ୍ୟଙ୍କୁ ଉପରାଷ୍ଟ୍ରପତି ତଥା ଅଧ୍ୟକ୍ଷ ସି.ପି.ରାଧାକ୍ରିଷ୍ଣନ୍‌ ପରାମର୍ଶ ଦେଇଛନ୍ତି। ଶୀତକାଳୀନ ଅଧିବେଶନର ଆଜି ପ୍ରଥମ ଦିନରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରି ଶ୍ରୀ ରାଧାକ୍ରିଷ୍ଣନ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସଂସଦ ହେଉଛି ରାଷ୍ଟ୍ରକୁ ମାର୍ଗଦର୍ଶନ କରିବା ପାଇଁ ଜ୍ଞାନ ଓ ସାମୂହିକ ବିଚାରର ସର୍ବୋଚ୍ଚ ମଞ୍ଚ। ସହନଶୀଳତାର ସହିତ ନିଜ ମତପୋଷଣ କରିବା ଏବଂ ଅନ୍ୟମାନଙ୍କ ଭାବନାକୁ ସମ୍ମାନ ପ୍ରଦର୍ଶନ କରିବାକୁ ଶ୍ରୀ ରାଧାକ୍ରିଷ୍ଣନ ସଦସ୍ୟଙ୍କୁ ଆହ୍ୱାନ ଦେଇଛନ୍ତି।

ଅଧ୍ୟକ୍ଷ ଭାବେ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାଧାରଣ ପୃଷ୍ଠଭୂମିରୁ ଆସି ଉପରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ଗଣତନ୍ତ୍ରର ଶକ୍ତିକୁ ପ୍ରତିଫଳନ କରୁଛି। ଜରୁରୀକାଳୀନ ପରିସ୍ଥିତିରେ ଗଣତନ୍ତ୍ରର ଜଣେ ପ୍ରକୃତ ରକ୍ଷକ ଭାବେ ଶ୍ରୀ ରାଧାକ୍ରିଷ୍ଣନ୍‌ ପ୍ରୟାସ ଜାରି ରଖିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଅଧ୍ୟକ୍ଷ ଭାବେ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କୁ ସ୍ୱାଗତ କରିବା ସହ ନୀତି ପ୍ରତି ରହିଥିବା ତାଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ଶ୍ରୀ ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ରାଜ୍ୟସଭା କାର୍ଯ୍ୟ ସୁଗମ ଭାବେ ପରିଚାଳିତ ହେବ ବୋଲି ଗୃହର ନେତା ଜେ.ପି.ନଡ୍ଡା ଆଶାବ୍ୟକ୍ତ କରିଛନ୍ତି।

ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଶ୍ରୀ ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରିଛନ୍ତି।

ରାଜ୍ୟସଭା ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବାପରେ ନବନିର୍ବାଚିତ କେତେକ ସଦସ୍ୟ ଶପଥ ଗ୍ରହଣ କରିଥିଲେ। ପରଲୋକଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ନୀରବ ପ୍ରାର୍ଥନା କରାଯାଇଥିଲା।

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ନେଇ ଗୃହରେ ସରକାରୀ ଏବଂ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ ବାକ୍ୟବିନିମୟ ହୋଇଥିଲା। ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏହି ପ୍ରସଙ୍ଗ ନେଇ ଆଲୋଚନା ଦାବି ଉପସ୍ଥାପନା କରାଯାଇଥିବା ବେଳେ ଏହାର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ସରକାର ଆଲୋଚନା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି। ଆଜିର ନିର୍ଦ୍ଧାରିତ

କାର୍ଯ୍ୟ ଶେଷ ହେବାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଏଲଏସ୍-ଟ୍ରାଇବାଲ୍ସ

ପ୍ରଧାନମନ୍ତ୍ରୀ ଜନଜାତି ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଅଧୀନରେ ୧୭ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ଆଦିବାସୀ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟ ନେଇ ହୋମ୍ ଷ୍ଟେ' ବିକଶିତ କରାଯିବ । ସେ କହିଛନ୍ତି, ଗ୍ରାମ ସମ୍ପ୍ରଦାୟର ଆବଶ୍ୟକତା ପୂରଣ ପାଇଁ ଏହି ଯୋଜନା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପରିବାର ପିଛା ଆର୍ଥିକ ସହାୟତା ପ୍ରଦାନ କରାଯିବ । ୨ଟି ନୂତନ କୋଠରୀ ନିର୍ମାଣ ପାଇଁ ଏହି ଅର୍ଥ ବ୍ୟୟ କରାଯିବାକୁ ଥିବା ବେଳେ ପୂର୍ବରୁ ଥିବା କୋଠରୀର ନବୀକରଣ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଶେଖାୱତ ଗୃହରେ କହିଛନ୍ତି ।

## ଏଲ୍ଏସ୍-ଗିଗ୍ ୱର୍କର୍ସ

ଇ-ଶ୍ରମ ପୋର୍ଟାଲରେ ଏ ପର୍ଯ୍ୟନ୍ତ ୩୧ କୋଟିରୁ ଅଧିକ ଅଣସଂଗଠିତ କ୍ଷେତ୍ରର ଶ୍ରମିକ ଏବଂ ୫ ଲକ୍ଷରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ କର୍ମଚାରୀ

ପଞ୍ଜୀକୃତ ହୋଇଛନ୍ତି। ଲୋକସଭାରେ ଆଜି ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି, ଅଣସଂଗଠିତ ଶ୍ରମିକ ଗିଗ୍ ଏବଂ ପ୍ଲାଟଫର୍ମ କର୍ମଚାରୀଙ୍କୁ ଏକକ ଆକାଉଣ୍ଟ ନମ୍ବର ପ୍ରଦାନ କରିବା ଲକ୍ଷ୍ୟ ନେଇ ଇ-ଶ୍ରମ ପୋର୍ଟାଲ ୨୦୨୧ ମସିହାରେ କାର୍ଯ୍ୟକାରୀ କରାଯାଇଛି। ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟସେବା ଏବଂ କଲ୍ୟାଣମୂଳକ ଯୋଜନାଗୁଡ଼ିକର ସୁଫଳ ସେମାନଙ୍କ ପାଖରେ ପହଁଞ୍ଚାଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

## ଶ୍ରୀଲଙ୍କା ସାଇକ୍ଲୋନ୍

ଅପରେସନ୍ 'ସାଗରବନ୍ଧୁ' ଅଧୀନରେ ଭାରତ ଘୂର୍ଣ୍ଣିଝଡ଼ ପ୍ରଭାବିତ ଶ୍ରୀଲଙ୍କାର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ସହଯୋଗ ପ୍ରଦାନ କରୁଛି। ଦୁଇଟି ଭାରତୀୟ ନୌସେନା ଜାହାଜ ମାଧ୍ୟମରେ ୯ ଦଶମିକ ୫ ଟନ୍ ଜରୁରୀ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏଥିସହିତ ଅସ୍ଥାୟୀ ଆବାସ, କମ୍ବଳ, ସ୍ୱାସ୍ଥ୍ୟସେବା ଉପକରଣ, ଔଷଧ ଆଦି ପ୍ରଦାନ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ୫ ଜଣିଆ ଡାକ୍ତରୀ ଦଳ ସହିତ ଏନ୍.ଡି.ଆର.ଏଫ୍.ର ଏକ ୮୦ ଜଣିଆ ସ୍ୱତନ୍ତ୍ର ଟିମ୍ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଭାରତୀୟ ନୌସେନା ଜାହାଜ ସୁକନ୍ୟା ମାଧ୍ୟମରେ ଅତିରିକ୍ତ ୧୨ ଟନ୍ ରିଲିଫ୍ ସାମଗ୍ରୀ

ପଠାଯାଇଛି । ଏ ପର୍ଯ୍ୟନ୍ତ ଭାରତ ଶ୍ରୀଲଙ୍କାକୁ ମୋଟ୍ ୫୩ ଟନ୍ ରିଲିଫ୍ ସାମଗ୍ରୀ ହସ୍ତାନ୍ତର କରିଛି । ଏହି ମିଳିତ ଅଭିଯାନରେ ୧୫୦ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ବିଭିନ୍ନ ଦେଶର ନାଗରିକ ରହିଛନ୍ତି । ସ୍ୱତନ୍ତ୍ର ଭାରତୀୟ ବାୟୁସେନା ବିମାନ ଏବଂ ବାଣିଜ୍ୟିକ ବିମାନ ମାଧ୍ୟମରେ ଶ୍ରୀଲଙ୍କାରେ ଅଟକି ରହିଥିବା ୨ ହଜାରରୁ ଅଧିକ ଭାରତୀୟଙ୍କୁ ଇତିମଧ୍ୟରେ ଫେରାଇ ଅଣାଯାଇସାରିଛି । ଗତ ମାସ ୨୮ ତାରିଖରୁ ଅପରେସନ୍ ସାଗରବନ୍ଧୁ ଆରମ୍ଭ କରାଯାଇଛି ।

## ସାଇକ୍ଲୋନ୍ ଦିତଓ୍ୱା

ଦକ୍ଷିଣ–ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ–ପୁଡୁଚେରୀ ଉପକୂଳରେ ରହିଥିବା ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ୩ କିଲୋମିଟର ବେଗରେ ଉତ୍ତର ଆଡ଼କୁ ଗତି କରୁଛି । ଚେନ୍ନାଇ ଉପକୂଳରୁ ୫୦ କିଲୋମିଟର, ପୁଡୁଚେରୀଠାରୁ ୧୪୦ କିଲୋମିଟର, କୁଡାଲୋରଠାରୁ ୧୬୦ କିଲୋମିଟର ଏବଂ ନେଲୋର ନିକଟରୁ ୧୭୦ କିଲୋମିଟର ଦୂରରେ ଘୂର୍ଣ୍ଣିଝଡ଼ ଦିତ୍ଓ୍ୱା କେନ୍ଦ୍ରୀଭୂତ ରହିଛି । ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଦୁର୍ବଳ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଦିତ୍ଓ୍ୱାର ପ୍ରଭାବରେ ତିରୁଭଲ୍ଲୁର୍ ଏବଂ ଚେନ୍ନାଇରେ କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ।

## ଆରଏସ୍–ପିଏମ୍ ବିଶ୍ୱକର୍ମା

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଏ ପର୍ଯ୍ୟନ୍ତ ୨ କୋଟି ୭୨ ଲକ୍ଷ କାରିଗର ପଞ୍ଜୀକୃତ ହୋଇଛନ୍ତି । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅଣୁକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ସୂଚନା ଦେଇଛନ୍ତି । ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୧୮ଟି ପାରମ୍ପରିକ ବ୍ୟବସାୟର କାରିଗର ଅନ୍ତର୍ଭୁକ୍ତ ହୋଇଛନ୍ତି । ସେ କହିଛନ୍ତି, ୨୩ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଏହି ଯୋଜନା ଅଧୀନରେ ଦକ୍ଷତା ତାଲିମ ପ୍ରଦାନ କରାଯାଇଛି । ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସାୟକୁ ଉନ୍ନୀତ କରିବା ଲାଗି ୭ ଲକ୍ଷ ହିତାଧିକାରୀଙ୍କୁ ୨୩ କୋଟିରୁ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି ।

## ନେପାଳ ଇଲେକସନ୍

ନେପାଳ ସଂସଦ ପାଇଁ ଆସନ୍ତା ମାର୍ଚ୍ଚ ମାସ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଅଂଶଗ୍ରହଣ କରିବାକୁ ମୋଟ୍ ୧୨୦ଟି ରାଜନୈତିକ ଦଳ ଆବେଦନ କରିଛନ୍ତି । ଗତ ମାସ ୧୭ରୁ ୩୦ ତାରିଖ ମଧ୍ୟରେ ଏହି ଦଳଗୁଡ଼ିକ ପଞ୍ଜୀକୃତ ହୋଇଛନ୍ତି । ନେପାଳ ନିର୍ବାଚନ କମିଶନଙ୍କ ମୁଖପାତ୍ର ନାରାୟଣ ପ୍ରସାଦ ଭଟ୍ଟରାୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୧୨୦ଟି ଯାକ ରାଜନୈତିକ ଦଳ ନିର୍ବାଚନ ଚିହ୍ନ ସହିତ ଆବେଦନ କରିଛନ୍ତି । ଆବେଦନପତ୍ର ଗୁଡ଼ିକର ଯାଞ୍ଚ ପରେ ଆସନ୍ତା ୬ ତାରିଖ ସୁଦ୍ଧା କମିଶନ ତାଙ୍କର ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରିବେ ।

ଜେନ୍-ଜି ନେତା, ଆଇନଜୀବୀ, ବ୍ୟବସାୟୀ, ସଂସଦର ପୂର୍ବତନ ସଦସ୍ୟ, ସାମାଜିକ କର୍ମୀ ଏବଂ ଶିକ୍ଷାବିତ୍ ଆଦିଙ୍କ ଦ୍ୱାରା ଏହି ରାଜନୈତିକ ଦଳଗୁଡ଼ିକ ଗଠିତ ହୋଇଥିବା ଶ୍ରୀ ଭଟ୍ଟରାୟ କହିଛନ୍ତି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ୧୬୮ଟି ନୂତନ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ୯୩ଟି ପୁରୁଣା ତଥା ଅବ୍ୟବହୃତ ମତଦାନ କେନ୍ଦ୍ରକୁ ବାଦ୍ ଦିଆଯିବା ପରେ ନେପାଳରେ ମୋଟ ୧୦ ହଜାର ୯୬୭ଟି ମତଦାନ କେନ୍ଦ୍ର ସ୍ଥାପିତ ହୋଇଛି। ନେପାଳରେ ଭୋଟରଙ୍କ ସଂଖ୍ୟା ଏବେ ୧ କୋଟି ୮୧ ଲକ୍ଷ ୬୮ ହଜାର ୨୩ ରହିଛି। ଗତ ନଭେମ୍ବର ୨୦୨୨ ମସିହାରେ ହୋଇଥିବା ନିର୍ବାଚନରେ ୮୬ଟି ରାଜନୈତିକ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

## ପିଏମ୍-ଏକ୍ସଲେନ୍ସ ଆୱାର୍ଡ

ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଧାନମନ୍ତ୍ରୀ ଉତ୍କର୍ଷ ପୁରସ୍କାର ଯୋଜନା-୨୦୨୫ ପ୍ରଦାନ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ କହିଛି, ଦେଶବ୍ୟାପୀ ସରକାରୀ କର୍ମଚାରୀଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପୁରସ୍କାର ବାବଦରେ ଟ୍ରଫି, ଉପଢୌକନ ଏବଂ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା କିମ୍ବା ଜନକଲ୍ୟାଣ କ୍ଷେତ୍ରରେ ସମ୍ବଳ ଅଭାବକୁ ପୂରଣ

କରିବା ଲକ୍ଷ୍ୟ ନେଇ ମନୋନୀତଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନମୂଳକ ରାଶି ପ୍ରଦାନ କରାଯିବ । ଏହି ଯୋଜନା ଅଧୀନରେ ୨ ହଜାର ୩୭୫ ଜଣଙ୍କ ନାମାଙ୍କନପତ୍ର ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି । ଆସନ୍ତାବର୍ଷ ଏପ୍ରିଲ ୨୧ ତାରିଖରେ ପ୍ରଶାସନିକ ସେବା ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଜିଏସ୍‌ଟି କଲେକସନ୍ ନଭେମ୍ବର

ଗତ ମାସରେ ମୋଟ୍ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ବର୍ଷ ନଭେମ୍ବର ମାସ ତୁଳନାରେ ଏହା ଦଶମିକ ୭ ପ୍ରତିଶତ ଅଧିକ । ଗତ ବର୍ଷ ନଭେମ୍ବର ମାସରେ ୧ ଲକ୍ଷ ୬୯ ହଜାର କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରାଯାଇଥିଲା । ଗତ ଅକ୍ଟୋବର ମାସରେ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୩୪ ହଜାର ୮୪୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ବାବଦରେ ୪୨ ହଜାର ୫୨୨ କୋଟି ଟଙ୍କା ସଂଗୃହୀତ ହୋଇଛି । ସମନ୍ୱିତ ଆଇ.ଜି.ଏସ୍.ଟି. ସଂଗ୍ରହ ପରିମାଣ ୯୨ ହଜାର ୯୧୦ କୋଟି ଏବଂ ସେସ୍ ୪ ହଜାର ୬ କୋଟି ଟଙ୍କା ସଂଗ୍ରହ କରାଯାଇଛି ।